## ଶିକ୍ଷାନୁଷ୍ଠାନ ଖୋଲିବାକୁ ଜିଲାପାଳଙ୍କ ଦାବିପତ୍ର

ନାଉଗାଁ,(ସ୍ୱ.ପ୍ର)-କରୋନା ମହାମାରୀ ଯୋଗୁ ରାଜ୍ୟ ସମେତ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକର ଶିକ୍ଷାନୁଷ୍ଠାନଗୁଡିକ ଦୀର୍ଘ ୯ ମାସ ହେବ ବନ୍ଦ ରହିଛି। ଫଳରେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନଗୁଡ଼ିକୁ ଖୋଲିବା ପାଇଁ ବୁଧବାର ଛାତ୍ର କଂଗ୍ରେସ ପକ୍ଷରୁ ବିଡିଓଙ୍କ ଜରିଆରେ ଜିଲାପାଳ ସରୋଜ କୁମାର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କ୍ରିହ୍ନାନନ୍ଦ ସାହୁ, ସ୍ମୃତି ରଞ୍ଜନ ଜେନା, ସୁନିଲ କୁମାର ମାଟିଆ ଓ ସୌମ୍ୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ଦେବେନ୍ଦ୍ର ପ୍ରଧାନ ଅନୁପସ୍ଥିତ ଥିବାରୁ ଏବିଡିଓ ଦେବେନ୍ଦ୍ର ପ୍ରଧାନ ଦାବିପତ୍ର ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଭିଜିଲାନ୍ସ ଜାଲରେ ମହିଳା ଏଏସ୍‌ଆଇ

**ନୟାଗଡ଼ ଅଫିସ,୩୦।୧୨:** ମାମଲା ରଫାଦଫା ପାଇଁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ନୟାଗଡ ଜିଲା ଶରଣକୁଳ ଥାନା ଏଏସ୍‌ଆଇ ସଂଯୁକ୍ତା ମହାପାତ୍ର ବୁଧବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ନୟାଗଡ ଭିଜିଲାନ୍ସ ପକ୍ଷରୁ ସଂଯୁକ୍ତାଙ୍କୁ ଗିରଫ କରାଯାଇଛି। ସଂଯୁକ୍ତାଙ୍କ ଘର ନୟାଗଡ ଟାଉନ ଥାନା ଅଧୀନ ଜଜାଙ୍ଗୀସାହିରେ। ଭିଜିଲାନ୍ସ ଡିଏସ୍‌ପି ଶିଶିର ଭୋଇଙ୍କ ସୂଚନା ଅନୁସାରେ ଶରଣକୁଳ ଥାନା ଭାଲିଆଡିହି ନିକଟସ୍ଥ କୁଞ୍ଜବନପଲ୍ଲୀ ଗାଁର ବୈକୁଣ୍ଠ ବେହେରାଙ୍କ ସ୍ତ୍ରୀ ରଙ୍କଙ୍କ ସମେତ ପରିବାରର ୮ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ମାମଲାକୁ ରଫାଦଫା ସହ ଅଭିଯୁକ୍ତଙ୍କୁ ଖସାଇବାକୁ ଏଏସ୍‌ଆଇ ମହାପାତ୍ର ରଙ୍କଙ୍କୁ ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ନ ଦେଲେ ଜେଲ ପଠାଇ ଦେବାକୁ ଧମକ ଦେଇଥିଲେ। ରଙ୍କ ନୟାଗଡ ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରିଥିଲେ। ସଂଯୁକ୍ତା ଥାନା ନିକଟସ୍ଥ ଭିକାରୀପଡା ଗାଁ ରାସ୍ତା ଉପରେ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀଙ୍କ ଦ୍ୱାରା ଗିରଫ ହୋଇଥିଲେ। ଭିଜିଲାନ୍ସ ପକ୍ଷରୁ ଲାଞ୍ଚ ଟଙ୍କା ଜବତ ସହ ମାମଲା(ନଂ.୪୪/୨୦) ରୁଜୁ ହୋଇଛି।

### ଭିଜିଲାନ୍ସ ହାତରେ ଡ୍ରଗ୍ସ ଇନ୍ସପେକ୍ଟର କାର୍ଯ୍ୟାଳୟ ପିଅନ

**ଯାଜପୁରର ଅଫିସ,୩୦।୧୨:** ଯାଜପୁର ରୋଡ୍ ଡ୍ରଗ୍ସ ଇନ୍ସପେକ୍ଟର କାର୍ଯ୍ୟାଳୟର ପିଅନ ରଘୁନାଥ ପଣ୍ଡା ବୁଧବାର ୩ ହଜାର ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ପଣ୍ଡା ବାର୍ଷିକ ନବୀକରଣ ରିପୋର୍ଟ ଦେବାକୁ ବାଲିଚନ୍ଦ୍ରପୁର ଅଞ୍ଚଳର ଔଷଧ ଦୋକାନୀ ସନ୍ତୋଷ ସାହୁଙ୍କୁ ୨୧ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପୂର୍ବରୁ ଅଭିଯୋଗକାରୀ ତାଙ୍କୁ ୧୮ ହଜାର ଦେଇଥିଲେ। ତେବେ ଆଉ ୩ ହଜାର ନ ଦେଲେ ଯାଞ୍ଚ କରାଯିବ ନାହିଁ କି ନବୀକରଣ ହୋଇପାରିବ ନାହିଁ ବୋଲି ରଘୁନାଥ କହିଥିଲେ। ପରେ ସନ୍ତୋଷ ଭିଜିଲାନ୍ସ ଡିଏସ୍‌ପି ଅନୁସାୟା ସେନାପତିଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ଅନୁସାରେ ଭିଜିଲାନ୍ସ ଟିମ୍ ଭେଷଜ ନିରୀକ୍ଷକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଅଭିଯୋଗକାରୀ ସନ୍ତୋଷ ପିଅନ ରଘୁନାଥଙ୍କୁ ଟଙ୍କା ଦେଉଥିବାବେଳେ ଭିଜିଲାନ୍ସ ଟିମ ଚଢ଼ାଉ କରି ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ।

### ପାଇଖାନା ଦୁର୍ନୀତିର ତଦନ୍ତ ଦାବି

**କୁଜଙ୍ଗ,୩୦।୧୨(ଡି.ଏନ୍.ଏ.):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ତାଳପଡା ପଞ୍ଚାୟତରେ ୭୦ ଲକ୍ଷ ଟଙ୍କାର ପାଇଖାନା ଦୁର୍ନୀତି ହୋଇଥିବା ଅଭିଯୋଗ କରି ତଦନ୍ତ ଦାବିରେ ବହୁ ମହିଳାପୁରୁଷ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ବହୁ ହିତାଧିକାରୀଙ୍କ ପାଇଖାନା ନିର୍ମାଣ କାର୍ଯ୍ୟ ଅର୍ଦ୍ଧନିର୍ମିତ ହୋଇ ରହିଛି। ମାତ୍ର ନିର୍ମାଣକାରୀ ସଂସ୍ଥା କାର୍ଯ୍ୟ ସମ୍ପୂର୍ଣ୍ଣ କରୁନାହିଁ। ଏହା ଆଉ କେତେଜଣ ହିତାଧିକାରୀଙ୍କ ନାଁରେ ଚଞ୍ଚକତା କରାଯାଇ ବିଲ୍ ଉଠାଯାଇଛି। ଏହାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସଞ୍ଜୁକ୍ତା ଷଡ଼ଙ୍ଗୀ, ଚିନ୍ମୟୀ ସେନାପତି, କାଞ୍ଚନବାଳା ସାହୁ, ଜଗବନ୍ଧୁ ସ୍ୱାଇଁ, ଅଲେଖ ସାହୁ ଓ ଶିବପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡିଓ ଅମିୟ ପଣ୍ଡା କହିଛନ୍ତି, ଅନ୍‌ଲାଇନ ତାଲିକାରେ କେତେଜଣ ଯୋଗ୍ୟ ହିତାଧିକାରୀଙ୍କ ନାମ ଥିବା ସହ ପାଇଖାନାର ମୂଲ୍ୟ ୧୨ ହଜାର ଟଙ୍କା ସୂଚିତ ରହିଛି, ଯାହାକୁ ଲୋକେ ବୁଝି ନ ପାରି ଟଙ୍କା ଉଠାଯାଇଥିବା ନେଇ ଭୁଲ ଅଭିଯୋଗ କରିଛନ୍ତି।

### ନିଖୋଜ ଶିଶୁପୁତ୍ରଙ୍କ ଘରେ କଂଗ୍ରେସ ପ୍ରତିନିଧି

**ଚଣ୍ଡିଖୋଲ,୩୦।୧୨(ଡି.ଏନ.ଏ.):** ବଡ଼ଚଣା ବ୍ଲକ ସୁଙ୍ଗୁଡ଼ା ପଞ୍ଚାୟତ ଖୋସାଲିପୁର ଆଦିବାସୀ ବସ୍ତିରୁ ୨୪ ତାରିଖରେ ନିଖୋଜ ହୋଇଥିବା ଶିଶୁପୁତ୍ରର ପରିବାରକୁ ଭେଟିଛନ୍ତି କଂଗ୍ରେସ ପ୍ରତିନିଧି ଦଳ। ବୁଧବାର ଯାଜପୁର ଜିଲା କଂଗ୍ରେସ କମିଟି ସଭାପତି ମନୋଜ ରାଉତଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ପହଞ୍ଚି ନିଖୋଜ ଶିଶୁପୁତ୍ରର ମା'ବାପାଙ୍କ ସହ ଆଲୋଚନା କରିଛନ୍ତି। ପ୍ରତିନିଧି ଦଳରେ ଅଜୟ ସାମଲ, ବିଶ୍ୱପ୍ରକାଶ ସାମଲ, ରତିକାନ୍ତ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# କାର୍ଯ୍ୟକ୍ଷମ ହେବ ନୟାଗଡ଼ ନୂଆ ବସ୍‌ଷ୍ଟାଣ୍ଡ

**ନୟାଗଡ଼ ଅଫିସ,୩୦।୧୨**

**ଜିଲା ସଡ଼କ ସୁରକ୍ଷା କମିଟି ବୈଠକ**

ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବୁଧବାର ଜିଲା ସଡକ ସୁରକ୍ଷା କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇ ଯାଇଛି । ଜିଲାପାଳ ପୋମା ଟୁଡୁ ଏଥିରେ ଅଧ୍ୟକ୍ଷତା କରିଥିଲେ । ନୟାଗଡ଼ ଜିଲାରେ ଘଟୁଥିବା ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କରୋନା ସମୟରେ ଗାଡି ଚଳାଚଳ ନ ଥିବାବେଳେ ଜିଲାରେ ଘଟିଥିବା ସଡ଼କ ଦୁର୍ଘଟଣାକୁ ଉଦାହରଣ ଦେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଜିଲାରେ ୨୦୧୮ରେ ୧୧୯, ୨୦୧୯ରେ ୧୦୦ ଓ ୨୦୨୦ରେ ୮୬ଜଣଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ତେବେ ୨୦୨୦ରେ କରୋନା କଟକଣା ସମୟରେ ଶରଣକୁଳରେ ୬ଜଣଙ୍କୁ ମିଶାଇ ୮୬ ଜଣଙ୍କ ମୃତ୍ୟୁକୁ ଘଟିଥିବାରୁ ଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଦ୍ରୁତଗତିରେ ଗାଡି ଚଳାଉଥିବା ଚାଳକମାନଙ୍କୁ ଲଗାମ ଦେବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ଚାଳକଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନୟାଗଡ଼ ନୂତନ ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ନୂଆ ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ପାଇଁ ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ଏକ କମିଟି ଗଠନ କରାଯିବ । ଏହି କମିଟି ଏହାର ତଦାରଖ କରି ତୁରନ୍ତ ନୂଆ ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବ । ସେହିଭଳି ଜିଲାରେ ଥିବା ବିଭିନ୍ନ ଦୁର୍ଘଟଣା ପ୍ରବଣ ସ୍ଥାନକୁ ବ୍ଲାକ୍‌ସ୍ପଟ୍ ଭାବେ ଚିହ୍ନଟ କରାଯିବ । ପୂର୍ବରୁ ଜିଲାରେ ୧୬ନଂ. ଜାତୀୟ ରାଜପଥରେ ୩ଟି ଓ ୫୭ ନଂ. ଜାତୀୟ ରାଜପଥରେ ୨ଟି ଏପରି ୫ଟି ବ୍ଲାକ୍ ସ୍ପଷ୍ଟ ଚିହ୍ନଟ ହୋଇଛି । ପୁଣି ନୂଆକରି ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ ପରେ ନୂଆ ଓ ପୁରୁଣା ସ୍ଥାନରେ ସାଇନେଜ୍ ଲାଗିବ । ସାଇନେଜ୍ ଲଗାଇବା ପାଇଁ ବିଭିନ୍ନ ଇଂଜିନିୟରିଂ ସଂସ୍ଥାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପ୍ରତି ରାସ୍ତାର ଆରମ୍ଭ ଓ ଶେଷରେ ଲାଗିବ ସ୍ପିଡ୍ ବେକର।୧୬ ଓ ୫୭ ନଂ. ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ସମେତ ବିଭିନ୍ନ ସଡକରୁ ହମ୍ପସ ଉଠାଇ ରମ୍ବଲସ ନିର୍ମାଣ କରାଯିବ । ରମ୍ବଲସ ସ୍ଥାନରେ ଆବଶ୍ୟକ ସ୍ଥଳେ ସ୍ପିଡ୍ ବ୍ରେକର ନିର୍ମାଣ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା ।

ଏହି ବୈଠକରେ ଉପଜିଲାପାଳ ଲମ୍ବୁଜିତ ରାଉତ, ଆଞ୍ଚଳିକ ପରିବହନ ଅଧିକାରୀ ସନତ୍ କୁମାର ଜେନା, ଜିଲ୍ଲାସ୍ତରୀୟ ଅଧିକାରୀ, କନିଷ୍ଠ ଏମଭିଆଇ ଦୁର୍ଗାପ୍ରସାଦ ରାଓ , ଟ୍ରାଫିକ ସବ୍‌ଇନ୍ସପେକ୍ଟର ସ୍ୱୟଂପ୍ରଭା ରଥ, ଘରୋଇ ବସ ଓ ଟ୍ରକ ମାଲିକ ସଂଘର ସଭାପତି ଓ ସମ୍ପାଦକ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

## ବଡ଼ଚଣା ପଶ୍ଚିମାଞ୍ଚଳରେ ହାତୀ ଉପଦ୍ରବ

**ଯାଜପୁର ଅଫିସ,୩୦।୧୨**

ଯାଜପୁର ଜିଲା ବଡ଼ଚଣା ବ୍ଲକ ପଶ୍ଚିମାଞ୍ଚଳରେ ୧୫ ଦିନ ହେବ ବଣୁଆ ହାତୀଙ୍କ ଉପଦ୍ରବ ଲାଗି ରହିଛି। ବ୍ଲକ ଅଧୀନ ବୈରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାରିଆ, ଶାଳପଡ଼ା, କାଇମାଟିଆ, ଚଣ୍ଡୀତଳ, ସମିଆଁ, ବନ୍ତଲା ଏବଂ ସିହା ପଞ୍ଚାୟତ ନିକଟରେ ଥିବା ପାହାଡ଼ ଜଙ୍ଗଲରେ ପୂର୍ବରୁ ଥିବା ୫ ପଲ ହାତୀ ଓ ଆଠଗଡ଼ରୁ ଆସିଥିବା ୧୮ ପଲ ହାତୀ ଉପଦ୍ରବ ଚଳାଇଛନ୍ତି। ଏହି ପଞ୍ଚାୟତର ୪୦ ମୌଜାରେ ଧାନ ଜମିରେ ପଶି ଧାନ ଖାଇବା ସହିତ ଦଳି ମକଚି ଦେଇଛନ୍ତି। ଏପରି କି ସନ୍ଧ୍ୟା ହେବା ମାତ୍ରେ ହାତୀ ଭୟରେ ଲୋକେ ଘରୁ ବାହାରୁନାହାନ୍ତି। ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଏହା ମଧ୍ୟରେ ହାତୀ ଦଳବଦ୍ଧଭାବେ ବୈରୀ ଉଚ୍ଚ ବିଦ୍ୟାଳୟ, ବରୁଣିଆ ହରିଶଙ୍କର ବିଦ୍ୟାଳୟ, ରାଇଝର ସେବାଶ୍ରମ, ବନ୍ଧପଲୀ ଉ:ପ୍ରା ବିଦ୍ୟାଳୟ, ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟରେ ପଶି ବ୍ୟାପକ କ୍ଷତି କରିଥିବା ସୂଚନା ମିଳିଛି। ୨୯ ତାରିଖରେ ବୈରୀ ଗ୍ରାମର ହରିଜନ ଓ ଆଦିବାସୀ ସାହିରେ ପଶି ଖଳାରେ ଥିବା ଧାନ ଖାଇବା ସହିତ ୩/୪ ଜଣଙ୍କ ଜମିର ଧାନ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବିଶେଷ କରି ପାରିଆ ପଞ୍ଚାୟତର ଲକ୍ଷ୍ମୀନାରାୟଣ ନାୟକ, ଭାସ୍କର ପ୍ରଧାନ, ବସନ୍ତ ଦାସ, ଅମୀୟଝରୀ ଗ୍ରାମର ବିଜୟ ଜେନାଙ୍କ ୨୩ ଏକର ଧାନ ଜମିକୁ ହାତୀ ପଲ ନଷ୍ଟ କରିଛନ୍ତି। ଏ ସଂକ୍ରାନ୍ତରେ ଡାଲିଯୋଡ଼ା ଫରେଷ୍ଟର ଶଶିଭୂଷଣ ବେହେରା କହିଛନ୍ତି, ରାତି ପାଟ୍ରୋଲିଂ କରାଯାଇ ହାତୀ ଘୋଉଡ଼ା ଯାଉଛି। ଏଥିସହିତ କ୍ଷୟକ୍ଷତି ଭରଣା ନିମନ୍ତେ ପଦକ୍ଷେପ ନିଆଯାଉଛି।


ପଶ୍ଚିମାଞ୍ଚଳରେ ବୁଲୁଥିବା ହାତୀ।

## ସ୍ତ୍ରୀଙ୍କୁ ନଜରବନ୍ଦୀ ନେଇ ଅଭିଯୋଗ

**ଜଗତସିଂହପୁର ଅଫିସ, ୩୦।୧୨**

ନାଉଗାଁ ଥାନା ଅନ୍ତର୍ଗତ କୋରୁଅ ଗ୍ରାମର ସୁବାସ ଜେନାଙ୍କ ସ୍ତ୍ରୀ ଲିଲି ୩ ବର୍ଷରୁ ଅଧିକ ସମୟ ହେବ ଘରୁ କୁଆଡ଼େ ଚାଲିଯାଇଥିଲେ। ଏ ପର୍ଯ୍ୟନ୍ତ ସେ ଘରକୁ ଫେରିନାହାନ୍ତି । ସ୍ତ୍ରୀଙ୍କୁ ନଜରବନ୍ଦୀ କରି ରଖାଯାଇଛି ବୋଲି ବୁଧବାର ଏସ୍‌ପି ପ୍ରକାଶ ଆର୍‌ଙ୍କ ନିକଟରେ ସୁବାସ ଅଭିଯୋଗ କରିଛନ୍ତି। ସ୍ତ୍ରୀଙ୍କୁ ଫେରାଇ ଆଣିବା ପାଇଁ ପୋଲିସ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି। ସୁବାସଙ୍କ ଅଭିଯୋଗ ଅନୁଯାୟୀ, ଲିଲି ହଠାତ୍ ଘରୁ କୁଆଡ଼େ ଚାଲିଯିବା ପରେ ନାଉଗାଁ ଥାନାରେ ଅଭିଯୋଗ କରାଯାଇଥିଲା । ଏହାସତ୍ତ୍ୱେ ତାଙ୍କର କୌଣସି ପତ୍ତା ମିଳି ନଥିଲା। ବର୍ଷ ପୂର୍ବେ ସ୍ତ୍ରୀ ହଠାତ୍ ବଡ ଝିଅ ପାଖକୁ ଫୋନ କରି କିଛିଦିନ ଭିତରେ ଘରକୁ ଫେରିବେ ବୋଲି କହିଥିଲେ। ଏହାଭିତରେ ସୁବାସ ଓ ଝିଅ ବାରମ୍ବାର ଲିଲିଙ୍କ ପାଖକୁ ଫୋନ କରି କଥା ହୋଇଛନ୍ତି। ସେ ଘରକୁ ଫେରିବାକୁ କହୁଥିଲେ ମଧ ଆସିପାରୁନାହାନ୍ତି। ଏନେଇ କେହି ତାଙ୍କୁ ନଜରବନ୍ଦୀ କରି ରଖିଛନ୍ତି ବୋଲି ସୁବାସ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

## ଶିଳ୍ପାଞ୍ଚଳରେ ଅନ୍‌ସାଇଟ ମକ୍‌ଡ୍ରିଲ୍

**କଳିଙ୍ଗନଗର,୩୦।୧୨(ଡି.ଏନ.ଏ.)**

କାରଖାନା ମଧରେ ଆପଦ ପରିଚାଳନା ବ୍ୟବସ୍ଥାକୁ ମଜଭୁତ କରିବା ନିମନ୍ତେ ଯାଜପୁର ଜିଲା ଫ୍ୟାକ୍ଟ୍ରି ଏବଂ ବଏଲର ବିଭାଗ ଉପନିର୍ଦ୍ଦେଶକ ୟୁସି ସୁତାରଙ୍କ ନେତୃତ୍ୱରେ ଜିନ୍ଦଲ, ଟାଟା ଏବଂ ଭିସା ଷ୍ଟିଲ କାରଖାନାର ପ୍ରତିନିଧିଙ୍କ ଉପସ୍ଥିତିରେ ପୋପେନ ଗ୍ୟାସ ଲିକେଜ ଏବଂ ଫାୟାର ଉପରେ ଏକ ଅନସାଇଟ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ଅପରେଶନ ବିଭାଗ ମହାପ୍ରବନ୍ଧକ କରମବୀର ସିଂ, ୟୁଟିଲିଟି ବିଭାଗ ମୁଖ୍ୟ ଏସ. ବିଶ୍ୱାସ, ନିରାପତ୍ତା ବିଭାଗ ମୁଖ୍ୟ ବି.ଡି. ମହାନ୍ତି, ଉଦ୍ଧାରକାରୀ ଦଳ, ମେଡିକାଲ ଟିମ ଉକ୍ତ ମକଡ୍ରିଲରେ ସାମିଲ ହୋଇ ଜରୁରୀ ପରିସ୍ଥିତି ପରିଚାଳନା ଏବଂ ଦୁର୍ଘଟଣା ସମୟରେ ଉଦ୍ଧାର, ଘଟଣାସ୍ଥଳକୁ ଖାଲି କରିବା, ଫାୟାର ଫାଇଟିଂ, ଟ୍ରାଫିକ ସୁରକ୍ଷା ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମକଡ୍ରିଲ ଶେଷ ପରେ ଫ୍ୟାକ୍ଟ୍ରି ଏବଂ ବଏଲର ବିଭାଗ ଉପନିର୍ଦ୍ଦେଶକ ୟୁ.ସି .ସୁତାର ଟାଟା ଷ୍ଟିଲର ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନ୍ୟ ଅଂଶୀଦାରମାନେ ମାଇକ୍ରୋସଫ୍ଟ ଟିମ ମାଧ୍ୟମରେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## କୁଶିଆପାଳ, କାଉପଡ଼ାରେ ଧାନମଣ୍ଡି ଖୋଲିଲା


କୁଶିଆପାଳ ମଣ୍ଡିକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଡେରାବିଶ, ୩୦।୧୨(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ କୁଶିଆପାଳ ଓ କାଉପଡ଼ା ପ୍ରାଥମିକ କୃଷି ସମବାୟ ସମିତିରେ ବୁଧବାର ଧାନମଣ୍ଡିର ଆରମ୍ଭ ହୋଇଛି। ତହସିଲଦାର ସମ୍ବିତ କୁମାର ଶତପଥୀ କୁଶିଆପାଳ ସମବାୟ ସମିତି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ମୃତ୍ୟୁଞ୍ଜୟ ଦାଶଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ମନମୋହନ ରାଉତ, ରଶ୍ମିତା ସାହୁ, ସୁଜିତ କୁମାର ମହାନ୍ତି ଓ ସରୋଜକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଗ୍ରଣୀ ଚାଷୀ ଶିବପ୍ରସାଦ ସାହୁ, ନାରାୟଣ ପାତ୍ର ଓ କୁରୁଜଙ୍ଗା ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ ଯୋଗ ଦେଇଥିଲେ। ସେହିପରି କାଉପଡ଼ା ସମବାୟ ସମିତି ମଣ୍ଡିକୁ ତହସିଲଦାର ଶତପଥୀ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବିଦ୍ୟାଧର ମୁଦୁଲି, ପୂର୍ଣ୍ଣାନନ୍ଦ ବେହେରା, ବଂଶୀଧର ମଲ୍ଲିକ, ପ୍ରଶାନ୍ତ କୁମାର ଦାସ, ଗୌରାଙ୍ଗ ଚରଣ ପ୍ରଧାନ, ସୁମନ ସଙ୍ଗିତା ଦାସ ଓ ସୌମ୍ୟ ରଞ୍ଜନ ରାଉତ ଉପସ୍ଥିତ ଥିଲେ।

## ଗ୍ୟାସ୍ ପାଇପଲାଇନ୍ ପାଇଁ ଚାଷୀ କ୍ଷତିଗ୍ରସ୍ତ

**କେନ୍ଦ୍ରାପଡା ଅଫିସ, ୩୦।୧୨**

ପାରାଦୀପ–ହଳଦିଆ ଗ୍ୟାସ ପାଇପ ଲାଇନ୍ ପ୍ରକଳ୍ପ କେନ୍ଦ୍ରାପଡା ଜିଲାରେ ଆରମ୍ଭ ହୋଇଛି। ଏହି ପ୍ରକଳ୍ପକୁ ମହାକାଳପଡା ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର, ଛନ୍ଦା, ବେଲାର ନୂଆଗାଁ, ବଡକୂଳ, ଦହିମାଛ, କରମକୂଳ, ଗୋପୀନାଥପୁର, ମହାକାଳପଡା, ତେରଗାଁ, ମଙ୍ଗଳପୁର, ଚଢ଼େଇଗୁଆଁ ଆଦି ଗ୍ରାମର ଚାଷୀ ବିରୋଧ କରିଛନ୍ତି। ଆଇଓସିଏଲର ନୋଟିସକୁ ବିରୋଧ କରି ଜିଲା ପରିଷଦ ସଭ୍ୟ ଦେବ ଚୌଧୁରୀଙ୍କ ନେତୃତ୍ୱରେ ଲିଖିତ ଅଭିଯୋଗ ପତ୍ର ଜିଲାପାଳଙ୍କୁ ବୁଧବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ପରିଷଦ ସଭ୍ୟ ଚୌଧୁରୀ କହିଛନ୍ତି, ପାଇପଲାଇନ ଚାଷ ଜମି ତଳେ ବିଛା ଯାଉଥିବାରୁ ଚାଷୀ ଭବିଷ୍ୟତରେ ଜମି ହରାଇବା ଭୟ ରହିଛି। ଆଇଓସିଏଲର ନୋଟିସ ସତ୍ତ୍ୱେ ମାଲିକାନା ଓ ଭୂସମ୍ପତ୍ତି ଆଇନକୁ ବିରୋଧ କରୁଛି। ସେହିପରି ଜମି ମଧ୍ୟରେ ପାଇପ ବିଛା ହୋଇଥିବାରୁ ଆଗାମୀଦିନରେ ବ୍ୟାଙ୍କ ଋଣ ମିଳିବା ସମ୍ଭବ ହେବନାହିଁ। ଅପରପକ୍ଷରେ ଏହି ଅଞ୍ଚଳରେ ଶିଳ୍ପାଞ୍ଚଳ ପାଇଁ ଇଡ୍‌କୋ ପକ୍ଷରୁ ସର୍ଭେ ହୋଇଛି। ଏପରିସ୍ଥିତିରେ ଚାଷୀଙ୍କ ଜମି ସୁରକ୍ଷିତ ରହିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ଅଭିଯୋଗପତ୍ର ପ୍ରଦାନ ସମୟରେ ଗ୍ରାମର ଶଶିକାନ୍ତ ମହାନ୍ତି, କୁନାଲ ମଲ୍ଲ, ଶ୍ରୀଲୋଚନ ସ୍ୱାଇଁ, ଶୁକଦେବ ସାହାଣୀ, ମାଗୁଣି ଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## କୋଠାରୁ ଇଟା ଖସି ଶ୍ରମିକ ମୃତ

**ପାରାଦୀପ,୩୦।୧୨(ସ୍ୱ.ପ୍ର.)**

ପାରାଦୀପ ଫସ୍‌ଫେଟ୍ସ ଲିମିଟେଡ (ପିପିଏଲ) କାରଖାନା ପରିସରରେ ବୁଧବାର ଏକ ନିର୍ମାଣାଧୀନ କୋଠାରୁ ଇଟା ଖସି ଜଣେ ଠିକାଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଜଙ୍ଗ ଅଞ୍ଚଳର ଫକିର ବେହେରା। କମ୍ପାନୀର ଏକ ଏମ୍‌ସିସି ବିଲ୍ଡିଂର ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଫକିର ତଳେ ଠିଆ ହୋଇଥିଲେ। ଏହି ସମୟରେ ବିଲ୍ଡିଂରୁ ଯୋଡେଇ ହେଉଥିବା ଏକ ଇଟା ଖସି ତାଙ୍କ ମୁଣ୍ଡରେ ମାଡ଼ ହୋଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ପ୍ରଥମେ ପିପିଏଲ୍ ହସ୍ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଫକିରଙ୍କ ମୃତ୍ୟୁ ଘଟିଛି। ଏ ଖବର ଜଣାପଡିବା ପରେ ଶ୍ରମିକମାନେ କମ୍ପାନୀ ବିରୋଧରେ ପ୍ରତିବାଦ କରିଥିଲେ। ଏ ପ୍ରସଙ୍ଗରେ କମ୍ପାନୀ, ଠିକାସଂସ୍ଥା ଓ ଶ୍ରମିକ ପ୍ରତିନିଧିମାନେ ଆଲୋଚନା ପରେ କ୍ଷତିପୂରଣ ଦେବାକୁ ସହମତି ହୋଇଛି। ଏବାବଦରେ ମୃତକ ପରିବାରକୁ ଠିକାଦାର ଅଢ଼େଇ ଲକ୍ଷ ଟଙ୍କା ଓ ପିପିଏଲ୍ କମ୍ପାନୀ ଦେଢ଼ ଲକ୍ଷ ଟଙ୍କା ଦେବ ବୋଲି ନିଷ୍ପତ୍ତି ହୋଇଛି।

## ଟ୍ରକ୍ କ୍ୟାବିନରୁ ମୃତଦେହ ମିଳିଲା

**ପାରାଦୀପ,୩୦।୧୨(ସ୍ୱ.ପ୍ର.):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ଲୁହାପଥର ପ୍ଲଟରେ ଥିବା ଟ୍ରକ୍ କ୍ୟାବିନ୍‌ରୁ ବୁଧବାର ରାତିରେ ଏକ ମୃତଦେହ ମିଳିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ପାରାଦୀପ ଆଦର୍ଶଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ପାରାଦୀପ,୩୦।୧୨(ସ୍ୱ.ପ୍ର.)**

ପାରାଦୀପ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମ ନିକଟ ଏକ କାଜୁ ଜଙ୍ଗଲରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ନରହରି ପାତ୍ରଙ୍କ ପୁତ୍ର ଅମରଜିତ(୨୬)। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ପୋଲିସ ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୮/୨୦)ରୁଜୁ ହୋଇଛି।

## ମେଡିକାଲ କଲେଜ ସ୍ଥାପନ ପାଇଁ ଆନ୍ଦୋଳନ ତେଜୁଛି



କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ଦାବିରେ ବାହାରିଥିବା ଶୋଭାଯାତ୍ରା।

**କେନ୍ଦ୍ରାପଡ଼ା ଅଫିସ, ୩୦।୧୨**

କେନ୍ଦ୍ରାପଡ଼ା ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ସଜାଡିବାକୁ ମେଡିକାଲ କଲେଜ ସ୍ଥାପନ ନିହାତି ଜରୁରୀ। ଏହି ଆଭିମୁଖ୍ୟ ନେଇ ଜିଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଜାରି ରହିଥିବା ବେଳେ କେନ୍ଦ୍ରାପଡ଼ା ଜିଲା ସଚେତନ ନାଗରିକ ମଞ୍ଚ ଏହାକୁ ତୀବ୍ର କରିଛି। ବୁଧବାର ପୂର୍ବାହ୍ନରେ ସହର ମଧ୍ୟରେ ବାଇକ୍ ରାଲି ସହ ଟାଉନ ହଲଠାରେ ଏ ନେଇ ଏକ ଜନସଚେତନତା ସଭା କରିଛନ୍ତି। ଆବାହକ ବିଜୟକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନାଗରିକ ମଞ୍ଚ ସମ୍ପାଦକ ଇଂ. ସୌମ୍ୟରଞ୍ଜନ ବିଶ୍ୱାଳ, କର୍ମକର୍ତ୍ତା ପ୍ରତାପ ମହାପାତ୍ର, ହଳଧର ଦାଶ, ଭଜକୃଷ୍ଣ ରାଉତ, ପରେଶ ଦାସ ପ୍ରମୁଖ ମେଡିକାଲ କଲେଜର ଆବଶ୍ୟକତା ଓ ଭିତ୍ତିଭୂମି ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ଏଥିସହ ଏହି ଜନ ଆନ୍ଦୋଳନକୁ ତୀବ୍ର କରି ମେଡିକାଲ କଲେଜ ସ୍ଥାପନା ମୁଖ୍ୟ ଲକ୍ଷ୍ୟ ବୋଲି ଉଲ୍ଲେଖ କରିଥିଲେ। ଏହି ସଭାରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଶିକ୍ଷାବିତ୍ ଅଜୟ କୁମାର ସାମଲ, କୃଷକ ନେତା ଗୟାଧର ଧଳ, ବିଜେଡି ନେତା ଦେବଦାସ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଆଇନଜୀବୀ ସରୋଜରାଜ ସିଂହ ପ୍ରମୁଖ କେନ୍ଦ୍ରାପଡା ଜିଲା ପାଇଁ ଜନସାଧାରଣ ଆନ୍ଦୋଳନରେ ସାମିଲ ହେଉଥିବା ଦର୍ଶାଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଣବ ପ୍ରକାଶ ଜେନାଙ୍କ ସମେତ ମଞ୍ଚ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଅଭିଯୋଗକାରୀ ରଚିଥିଲେ ଲୁଟ୍ ନାଟକ,୩ ଲକ୍ଷ ଜବତ

**ପଟ୍ଟାମୁଣ୍ଡାଇ, ୩୦।୧୨(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଥାନା ଚଉଦକୁଲାଟ ଫାଣ୍ଡି ତମଳାଶାସନ ଗ୍ରାମର ପ୍ରତ୍ୟୁଷ ମିଶ୍ର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଯାଉଥିବା ବେଳେ ୫ଜଣ ଯୁବକ ତାଙ୍କୁ ପିସ୍ତଲ ଦେଖାଇ ଅଟକାଇ ଥିଲେ। ମାଡମାରି ତାଙ୍କଠାରୁ ୩ ଲକ୍ଷ ଟଙ୍କା ଲୁଟି ନେଇ ଇନ୍ଦୁପୁର ଆଡେ ପଳାଇ ଯାଇଥିଲେ ବୋଲି ସେ ଚଉଦକୁଲାଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ହେଲେ ପ୍ରତ୍ୟୁଷ ନିଜେ ଟଙ୍କା ରଖି ଏକ କମ୍ପାନୀଙ୍କୁ ଠକିବାକୁ ଏଭଳି ନାଟକ ରଚିଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଏହି ଘଟଣାରେ ପଟ୍ଟାମୁଣ୍ଡାଇ ଥାନାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ଅତିରିକ୍ତ ଏସ୍‌ପି ଗାଗାରିନ ମହାନ୍ତି ଏହି ସୂଚନା ଦେଇଛନ୍ତି। ଅଭିଯୋଗକାରୀ ପ୍ରତ୍ୟୁଷଙ୍କ ଚଉଦକୁଲାଟରେ ତାରିଣୀ ଟ୍ରେଡର୍ସ ନାମକ ସିମେଣ୍ଟ ଦୋକାନ ଅଛି। ପ୍ରତ୍ୟୁଷ ତାଙ୍କ ବାପା ପୂର୍ଣ୍ଣଚନ୍ଦ୍ରଙ୍କ ସହ ଟଙ୍କା ଲୁଟ ସମ୍ପର୍କରେ କଥା ହୋଇ ୨୮ ତାରିଖ ଅପରାହ୍ନରେ ଫାଣ୍ଡିରେ ଏତଲା ଦେଇଥିଲେ। ପୋଲିସ ଏହି ଘଟଣାର ଛାନଭିନ୍ କରିବା ସହ ଏସ୍‌ପି ମଡକର ସନ୍ଦିପ ସମ୍ପଦଙ୍କୁ ସୂଚନା ଦେଇଥିଲେ। ଏସ୍‌ପି ସମ୍ପଦ୍ ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରି ନିଜେ ଲୁଟ୍ ସ୍ଥଳକୁ ଯାଇ ସମସ୍ତ ଘଟଣାକୁ ଅନୁଧ୍ୟାନ କରିଥିଲେ। ଲୁଟେରାମାନଙ୍କୁ ତୁରନ୍ତ ଗିରଫ କରିବାକୁ ଜିଲାର ଦକ୍ଷ ପୋଲିସଙ୍କୁ ନେଇ ୩ଟି ସ୍କ୍ୱାଡ୍ ଗଠନ କରିଥିଲେ। ସ୍କ୍ୱାଡ୍ ଘଟଣାର ତଦନ୍ତ କରି ନିଜେ ଅଭିଯୋଗକାରୀ ପ୍ରତ୍ୟୁଷ ଅଭିନବ ଢଙ୍ଗରେ ଟଙ୍କା ଲୁଟ୍ ସମ୍ପର୍କରେ ଫାଣ୍ଡିରେ ମିଥ୍ୟା ଅଭିଯୋଗ କରିଥିବା ଜଣାପଡିଥିଲା। ଏ ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଦଫା ୩୯୫ ଓ ୨୫ ଆର୍ମସ ଆକ୍ଟରେ ନଂ. ୫୭୧/୨୦ ମାମଲା ରୁଜୁ କରାଯାଇଛି। ଏହାସହ ମିଥ୍ୟା ଅଭିଯୋଗକାରୀ ଓ ୫ ଜଣ ଦୁର୍ବୃତ୍ତଙ୍କ ନାମରେ ୨୧୧ ଦଫାରେ ପୋଲିସ ତଦନ୍ତ ଚଳାଇଛି। ଏହି ଘଟଣାରେ କାହାକୁ ଗିରଫ କରାଯାଇ ନ ଥିବା ବେଳେ ଏକ ସିମେଣ୍ଟ କମ୍ପାନୀକୁ ଟଙ୍କା ଠକିବା ଉଦ୍ଦେଶ୍ୟରେ ଅଭିଯୋଗକାରୀ ପ୍ରତ୍ୟୁଷ ଏଭଳି ଯୋଜନା କରିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୋଲିସ ଅଧିକାରୀମାନେ।

## ଲକ୍ଷାଧିକ ଟଙ୍କାର ଇଟା ନଷ୍ଟ

**ଡେରାବିଶ, ୩୦।୧୨(ସ୍ୱ.ପ୍ର.)**

ଡେରାବିଶ ତହସିଲ ଅନ୍ତର୍ଗତ ରଘୁଦେଇପୁରଠାରେ ବେଆଇନ ଭାବେ ନିର୍ମିତ ହେଉଥିବା ଇଟାଭାଟିକୁ ବୁଧବାର ତହସିଲଦାର ସମ୍ବିତ ଶତପଥୀ ଚଢ଼ାଉ କରିଥିଲେ। ଏଥିସହ ଗୋବରୀ ନଦୀ ପଠାରେ ଶତାଧିକ ସଂଖ୍ୟାରେ ନିର୍ମିତ ହୋଇଥିବା ଇଟାଭାଟିକୁ ମଧ ନଷ୍ଟ କରି ଦିଆଯାଇଛି। ଦୀର୍ଘବର୍ଷ ହେବ ଇଟା ମାଫିଆଙ୍କ ଦ୍ୱାରା ରଘୁଦେଇପୁର ଅଞ୍ଚଳରେ ଖୁଲମଖୁଲା ଭାବେ ଇଟା ଭାଟି ବେଆଇନ ଭାବେ କରାଯାଉଥିଲା। ସ୍ଥାନୀୟ ଅଞ୍ଚଳରେ ଇଟାଭାଟିର ଧୂଆଁ ଓ ପ୍ରଦୂଷଣ ଜନୀତ ରୋଗରେ ବହୁ ଲୋକ ସଂକ୍ରମିତ ହେଉଥିବାରୁ ଏ ନେଇ ଜିଲା ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତହସିଲଦାର ଶତପଥୀଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମହାନ୍ତି ଓ ଡେରାବିଶ ଥାନା ଅଧିକାରୀ ଉମାକାନ୍ତ ନାୟକ, ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଅଚାନକ ଭାବେ ବେଆଇନ ଭାବେ ଇଟା ନିର୍ମିତ ହେଉଥିବା ସ୍ଥାନରେ ଚଢ଼ାଉ ଆରମ୍ଭ କରିଥିଲେ। ଡେରାବିଶ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ପୋଡ଼ା ଯାଇଥିବା ଇଟାଭାଟିକୁ ନଷ୍ଟ କରି ଦିଆଯିବା ସହ ଲକ୍ଷାଧିକ ଟଙ୍କାର ପୋଡ଼ା ଇଟାକୁ ମଧ ଜବତ କରାଯାଇଛି। ଏ ସମ୍ବନ୍ଧରେ ତହସିଲଦାର ଶତପଥୀଙ୍କୁ ପଚାରିବାର ତହସିଲ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବେଆଇନ ଇଟାଭାଟି ଉପରେ ଚଢ଼ାଉ କାର୍ଯ୍ୟ ଜାରି ରହିବ ବୋଲି ସେ କହିଥିଲେ।



ତହସିଲ ପ୍ରଶାସନ ପକ୍ଷରୁ ପକା ଯାଇଥିବା ଇଟାକୁ ନଷ୍ଟ କରାଯାଉଛି।

**ବେଆଇନ ଇଟାଭାଟି ଉପରେ ତହସିଲଦାରଙ୍କ ଚଢାଉ**

ଦୀର୍ଘବର୍ଷ ଧରି ଡେରାବିଶ ତହସିଲ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଇଟାଭାଟି କୁଟୀରଶିଳ୍ପରେ ପରିଣତ ହୋଇଥିବା ବେଳେ କାହା ସହାୟତାରେ ଇଟା ମାଫିଆମାନେ ଶତାଧିକ ସଂଖ୍ୟାରେ ଇଟାଭାଟି ନିର୍ମାଣ କରୁଥିଲେ, ପ୍ରଶାସନ ପକ୍ଷରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କ'ଣ ହୋଇଛି ବୋଲି ତହସିଲଦାରଙ୍କୁ ପଚାରିବାରୁ ସେ ଏହାର କୌଣସି ଉତ୍ତର ଦେଇ ନ ଥିଲେ। ତହସିଲ ଅନ୍ତର୍ଗତ ବିଭିନ୍ନ ରାଜସ୍ୱ ସର୍କଲର ଆର୍‌ଆଇମାନଙ୍କ ବିରୋଧରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ପ୍ରଶାସନର ନୀରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

